# ଷଷ୍ଠ ପରିଚ୍ଛେଦ

**ଚମ୍ପା :**

ଉଆସ ମଧ୍ୟରେ କେତେ ଲୋକ ଅଛନ୍ତି , ସେଥିମଧ୍ୟରୁ ଚମ୍ପା ଓରଫେ ଚମ୍ପା ସାଆନ୍ତାଣୀ , ଓରଫେ ହରକଲା ସହିତ ମଙ୍ଗରାଜ -ବଂଶର କି ସମ୍ପର୍କ ଏ କଥା କାହାରିକି ଜଣା ନାହିଁ । ତାହାର ଜାତି, କୁଳ, ପିତୃ ବଂଶ ସମ୍ବନ୍ଧରେ ମଧ୍ୟ ସମସ୍ତେ ଅନଭିଜ୍ଞ । ଚମ୍ପା ମଙ୍ଗରାଜ ଘରେ ଦାସୀ କି ସାଆନ୍ତାଣୀ , ବ୍ୟବହାରଦ୍ବାରା ବୁଝିବାର କାହାରି ଶକ୍ତି ନାହିଁ । କେବଳ ଏତିକି ମାତ୍ର କହିପାରୁ ଯେ, ମଙ୍ଗରାଜଙ୍କ ଉଆସ ମଧ୍ୟରେ ଚମ୍ପାର କ୍ଷମତା ସୀମାତୀତ । ଅଧିକ କ'ଣ ସାଆନ୍ତାଣୀଙ୍କ କ୍ଷମତାଠାରୁ ଢେର ବେଶୀ । ବାହାରେ ହଳିଆ , ମୂଲିଆ , କଚେରୀ କରଣଯାଏ ତାହା ଠାରେ ହାତ ଯୋଡିଥାନ୍ତି । ଚମ୍ପାର ଗୋଟିଏ ନାମ ହରକଳା । ସତ କଥା କହିବାକୁ ଗଲେ ଏହିନାମ ଧରି ତାହାକୁ କେହି ଡାକିବାର ଶୁଣିନାହୁଁ । ହରକଳା ଶବ୍ଦର ବ୍ୟୁତ୍ପତ୍ତି କ'ଣ, ଏହି ନାମଟି ନିନ୍ଦ୍ୟ କି ପ୍ରଶଂସନୀୟ , ଏହା ବୋଲିବାକୁ ଆମ୍ଭେମାନେ ନିତାନ୍ତ ଅକ୍ଷମ ; ମାତ୍ର ଚମ୍ପାର କାନରେ ଦିନେ କିଏ ପକାଇଲା ଲୋକମାନେ ତାହାକୁ 'ହରକଳା' ବୋଲନ୍ତି । ସେ ଶୁଣି ଭାରି ଖପା ହେଲା, କାନ୍ଦି କାନ୍ଦି ମଙ୍ଗରାଜଠାରେ ଗୁହାରି କଲା, ଖୁବ୍ ଧରପଗଡ ହେଲା, ଦୁଇଦିନ ପର୍ଯ୍ୟନ୍ତ ଖୋଜା ତଲାସ ହେଲା;ମାତ୍ର ହରକଳା ନାମର ଉତ୍ପତ୍ତି କେତେ ଦୂର ବିସ୍ତୃତ କିଛି ଠିକଣା ମିଳିଲା ନାହିଁ । ଅବଶେଷରେ ସାଆନ୍ତ କହିଲେ, ''ହେଉ ହେଉଦେଖାଯିବ । ଖବରଦାର ! ଚମ୍ପାକୁ କେହି ହରକଳା କହିବ ନାହିଁ । '' ସେ ଦିନ ଗ୍ରାମର ଏ ମୁଣ୍ଡଠାରୁ ସେ ମୁଣ୍ଡଯାଏ ଆଖପାଖ ଦୁଇ ଚାରି ଗ୍ରାମରେ ସମସ୍ତଙ୍କୁ ସମସ୍ତେ ସାବଧାନ କରାଇଦେଲେ--- 'ଖବରଦାର୍ ! ଚମ୍ପାକୁ କେହି ହରକଳା କହିବ ନାହିଁ । ' ମାସେ, ଦୁଇମାସ, ଚାରିମାସ, ଛ'ମାସ ଟୋକୀଠାରୁ ବୁଢୀ, ଟୋକାଠାରୁ ବୁଢାଯାଏ ସାଙ୍ଗ ମନମିଳାପ ଲୋକ ଦେଖିଲେ ଚାରିଆଡକୁ ଅନାଇ ମୁରୁକି ହସି ପରସ୍ପରକୁ ସାବଧାନ କରିଦିଅନ୍ତି , ''ଖବରଦାର୍'' ! ଚମ୍ପାକୁ କେହି ହରକଳା କହିବ ନାହିଁ । '' କ୍ରମଶଃ ସେହିକଥା ସଂକ୍ଷିପ୍ତ ସାରରୂପ ଧାରଣ

କଲା, ଯଥା--ଖବରଦାର୍ କେହି ଚମ୍ପାକୁ ଖବରଦାର୍ କେହି, ଖବରଦାର୍ ଇତ୍ୟାଦି । ପିଲାଗୁଡାକ ହାତରେ ତାଳିଦେଇ ଦାଣ୍ଡରେ ନାଚନ୍ତି ----

'ଖବରଦାର ! ଗୋବରା ଜେନା ଚଉକିଦାର ।'

ପିଲାଗୁଡିକ ସବୁଦିନେ ଜଞ୍ଜାଳିଆ , ସେମାନଙ୍କ କଥା କ'ଣ ଧରିବେ ?ଯାଉ, ସେ ବାଜେ କଥାରୁ କ'ଣ ହେବ? ହେଲେ ସାଆନ୍ତଙ୍କ ଘର ସହିତ ଚମ୍ପାର ଖୁବ୍ ଘନିଷ୍ଠ ସମ୍ବନ୍ଧ ଥିବାରୁ ପାଠକମାନେ ତାହାର ନାମ ଅନେକଥର ଶୁଣିବାକୁ ପାଇବେ। ଏଥର ତାହାର ରୂପ-ଗୁଣ ସମ୍ବନ୍ଧରେ ସମସ୍ତ କଥା ଫେଡି କହିଦେବା ଆମ୍ଭମାନଙ୍କ ପକ୍ଷରେ ନିତାନ୍ତ କର୍ତ୍ତବ୍ୟ ହେଉଅଛି ।ଆଉ ଗ୍ରନ୍ଥସ୍ଥ ନାୟକ ନାୟିକାମାନଙ୍କ ରୂପ ଗୁଣ ବର୍ଣ୍ଣନା କରିବାକୁ ଲେଖକମାନେ ସାହିତ୍ୟ ଆଇନାନୁସାରେ ବାଧ୍ୟ । ସୁତରାଂ, ଏହି ସନାତନ ରୀତି ଲଙ୍ଘନ କରିବାକୁ ଆମ୍ଭମାନଙ୍କର ଆପତ୍ତି ନାହିଁ । ପୁଣି ଗ୍ରନ୍ଥମାନଙ୍କରେ ଖସଲତ ଅଛି, ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ ପାଇଲା ପରି ସବୁକଥା ପାସୋରିଯାଇ ତାହାର ରୂପ ବର୍ଣ୍ଣନା କରିବାକୁ ତରବରହୋଇ ବସିଯାନ୍ତି । ଆମ୍ଭେମାନେ ଯେ ରୂପ ବର୍ଣ୍ଣନା କରିବା ବିଷୟରେ ଅକ୍ଷମ , ତାହା ନୁହେଁ । ଏହି ଦେଖ କଦଳୀ, ପଣସ, ରମ୍ଭା , ଆମ୍ବ , ଡାଳିମ୍ବ , ଟଭା ଏହିପରି ଯେ ସବୁ ଗଛ, ପତ୍ର , ଫଳ, ଫୁଲ ଅଛି, ଚମ୍ପାର ବିଶେଷ ଅଙ୍ଗ ସହିତ ବିଶେଷ ବିଶେଷ ପଦାର୍ଥ ମିଳାଇଦେଲେ ତ ରୂପବର୍ଣ୍ଣନା ଛିଡିଲା । ମାତ୍ର , ଆଜିକାଲି ସେପରି ମରହଟ୍ଟୀ ବର୍ଣ୍ଣନା ଚଳିବ ନାହିଁ । ଇଂରାଜୀ ପଢୁଆ ପାଠକମାନଙ୍କ ମନୋରଞ୍ଜନ ସକାସେ ଇଂରାଜୀ ଧରଣର ରୂପ ବର୍ଣ୍ଣନା ଆବଶ୍ୟକ । ଭାରତର କବିମାନେ ସୁନ୍ଦର ସ୍ତ୍ରୀ ମାନଙ୍କୁ କହନ୍ତି 'ଗଜେନ୍ଦ୍ରଗାମିନୀ '; ଇଂରାଜ କହିବେ, ''ଛି ଛି ! ତାହା ତ ନୁହେଁ, ଘୋଡାପରି ସେ 'ଗେଲପ ଚାଲିପାରେ, ସେହି ସିନା ପରମ ସୁନ୍ଦରୀ ! ଆମ୍ଭେମାନେ ଦେଖୁଅଛୁ ଆଜିକାଲି ପହିଲି ଆଷାଢର ମହାନଦୀର ବଢିପାଣି ପରି ଏ ଦେଶକୁ ଇଂରାଜୀ ସଭ୍ୟତା ଯେପରି ପେଲିଆସୁଅଛି, ସେଥିରେ ଖୁବ୍ ସମ୍ଭବ ନବ୍ୟ ସଭ୍ୟ ଶିକ୍ଷିତ ବାବୁମାନେ ଆପଣା ଆପଣା ଅଙ୍କଲକ୍ଷ୍ମୀମାନଙ୍କୁ 'ଗେଲପ୍' ଚାଲି ଶିଖାଇବା ନିମନ୍ତେ ଚାବୁକ ସବାର ନିଯୁକ୍ତ କରିବାକୁ ପ୍ରସ୍ତାବ କରିବସିବେ । ସେ କଥା ଯାହା ହେଉ,

ଆମ୍ଭେମାନେ କହୁଁ, ସୁନ୍ଦରୀମାନଙ୍କ ଚାଲିରୁ ଉପମେୟ ବସ୍ତୁ ପୁରୁଣା କୌଣସି କବି ଠିକ କରିପାରି ନାହାନ୍ତି । ବିଚାର କରନ୍ତି ଘୋଡା ଆଉ ହାତୀମାନେ ଚାରି ଗୋଡରେ ଚାଲନ୍ତି ; ମାତ୍ର ଆମ୍ଭମାନଙ୍କର ଚମ୍ପାର ଦୁଇଗୋଟି ଗୋଡରୁ ବେଶି ନାହିଁ । ସୁତରାଂ ତାହାକୁ ଗଜେନ୍ଦ୍ରଗାମିନୀ ବା ଅଶ୍ବବରଗାମିନୀ ବୋଲିବା ନିତାନ୍ତ ଅସଙ୍ଗତ ଅଟେ । ତେବେ କମ୍ପା ହାମୁଡି ଚାଲିଲେ କିପରି ଦିଶନ୍ତା , ସେ କଥା ଅନୁମାନ କରି କହିବାକୁ ଆମ୍ଭେମାନେ ସମ୍ପ୍ରତି ଅକ୍ଷମ । ପୁଣି ପଦସଂଖ୍ୟା ସମ୍ବନ୍ଧରେ ମରାଳ ସହିତ ସାମଞ୍ଜସ୍ୟ ଥିବାର ମରାଳଗାମିନୀ ବୋଲିବା ଅସଙ୍ଗତ ନୁହେଁ । ଅଳଙ୍କାର ଶାସ୍ତ୍ରର ମର୍ଯ୍ୟାଦା ରକ୍ଷାପାଇଁ ଉପମାନ ଉପମେୟ ଠିକ ରଖି କହିବାକୁ ଗଲେ, ମରାଳ କେତେବେଳେ ଖାଲି ଗୋଡରେ କେତେବେଳେ ଡେଣା ମେଲାଇ ଖଣ୍ଡିଭଡା ଦେଲାପରି ଚାଲେ । ଆମ୍ଭମାନଙ୍କ ଚମ୍ପା ଗୋହିରୀ ମଝିରେ ମାଣିଆବନ୍ଧୀ ପଣତକାନୀ ଉଡାଇ, ଦୁଇଡେଣା ଦୋହଲାଇ ଚାଲିବାବେଳେ ଠିକ୍ ତାହାକୁ ମରାଳଗାମିନୀ ବୋଲାଯାଇପାରେ । ଚମ୍ପାର ବୟସ ଆମ୍ଭେମାନେ ଅନୁମାନ କରୁ ତିରିଶ ଲଗାଲଗି; ମାତ୍ର ତାହାର ନିଜ ମୁହଁରୁ ଅନେକ ଥର ଶୁଣାଯାଇଅଛି, ସାଆନ୍ତାଣିଙ୍କ ମଙ୍ଗଳକୃତ୍ୟ ଦିନ ତାହାର ଏକୋଇଶା ହୋଇଥିଲା । ଏହି ହିସାବରେ ଚମ୍ପାର ବୟସ ଢେର କମ । ଏଠାରେ ଯୁବତୀର ରୂପ ବର୍ଣ୍ଣନା କରିବାକୁ ହେଲେ ସାବଧାନତା , ଖୁବ୍ ବିଜ୍ଞତା , ଖୁବ୍ ବହୁଦର୍ଶିତା ଆବଶ୍ୟକ । ବିଲାତି ଜିନିସାତ୍ ସହିତ ରୁଚିନାମଧେୟ ପଦାର୍ଥବିଶେଷ ଏ ଦେଶକୁ ନୂଆ ଆମଦାନୀ ହୋଇଅଛି । ତାହା ପ୍ରତି ନଜର ରଖି ନ ଚଳିଲେ ତୁମର ପାଠ ସରିଲା । ତୁମେ ମୂର୍ଖ ଅସଭ୍ୟ ତଳେ ଗଲ । ସେଦିନ ଉପେନ୍ଦ୍ରଭଞ୍ଜଙ୍କ ଦୁର୍ଦ୍ଦଶାରୁ ଆମ୍ଭେମାନେ ଏହି ଶିକ୍ଷା ପାଇଅଛୁ । ବାପା ମା ପୂଣ୍ୟବଳରୁ ସେ ବିଚରା ଖସି ଯାଇଛି, ନୋହିଲେ ଇସ୍ତକ ମହାପାତ୍ରଠାରୁ ମହାରାଜା ଯାଏ ଯେପରି ପିଛା ଧରିଥିଲେ, ତାହା କପାଳରେ ଯେ କ'ଣ ଘଟିଥାନ୍ତା , ଠାକୁରଙ୍କୁ ଜଣା । ଏପରି ମହାରଥୀର ତ ଏହି ଦଶା, ଆମ୍ଭେମାନେ ବା କେତେ କଡାରେ ଗଣ୍ଡାର । 'ଗୁରୁ-ବିପ୍ରସାଦେନ ' ଆମ୍ଭେମାନେ ସୁରୁଚି କବିତା କଚ୍ଛି କଚ୍ଛି ରଚନା କରିବାକୁ କ୍ଷମ। ଆପଣମାନେ

କହିବେ, ଏଇଡା ମିଛୁଆ, କିଛି ଜାଣେ ନାହିଁ । ଆଛା, ନମୁନା ଦେଖିନ୍ତୁ ---- ''ଅର୍ଦ୍ଧ ବକ୍ଷ ଉଲ୍ଲଙ୍ଗିନୀ , ମୁରୁକିହାସିନୀ ବସ୍ତ୍ରଶୂନ୍ୟା , ରିକ୍ତହସ୍ତା , ତୁରଙ୍ଗଗାମିନୀ , ମାର୍ଜାରନୟନା ତାମ୍ରକେଶା , ଅଣ୍ଟାଭିଡା , ସ୍ବାଧୀନକର୍ତ୍ତୃକା , ପାଞ୍ଚଜଣ ଆଗେ ଛିଡା, ପରପୁରୁଷକୁ ଧରି ନର୍ତ୍ତକୀ ସୁନ୍ଦରୀ , ଆହା ଆହା ଅପରୂପ ସ୍ବର୍ଗବିଦ୍ୟାଧରୀ ! ''ଆଉ କୁରୁଚିପୂର୍ଣ୍ଣ ଉପେନ୍ଦ୍ରଭଞ୍ଜ ଶୁଣିବେ? '' ଓଲଟ କଦଳୀ ପ୍ରାୟ ଜାନୁ ନିତମ୍ବ ଯୁଗଳ ଜିଣି ସାନୁ । '' ଆଉ ଲେଖିବାକୁ ସାହାସ ଅଣ୍ଟିଲା ନାହିଁ । କେଜାଣି ବିଜୁଳି ପୁଣି ଚମକି ଉଠିବେ । ଆମ୍ଭେମାନେ ସୁରୁଚି କବିତା ଲେଖିବାକୁ ଜାଣୁ ସତ୍ୟ , ହେଲେ ଦିନ ଦୁଇ ପ୍ରହରେ ତୁଚ୍ଛା ମିଛ ଲେଖିବାକୁ ସାହସ ହେଉନାହିଁ । ଇସ୍ତକ ବାଲିପାଟଣା ବାଳିକା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ ଶ୍ରାମତୀ ଚେମୀ ବେହେରା ଠାରୁ ବେଥୁନ ସ୍କୁଲର ଉଚ୍ଚତମ ଶ୍ରେଣୀର ଛାତ୍ରୀ ମିସ୍ ଏସ୍.ଏମ୍.ରେ ଓରେଫ କୁମାରୀ ଶଶିମୁଖୀ ରାୟ ପର୍ଯ୍ୟନ୍ତ ଦେଖିଲୁ । କେହି ସୁରୁଚିସମ୍ପନ୍ନ ସୌନ୍ଦର୍ଯ୍ୟ ବଢାଇ ବିରାଡି ଆଖି ପରି କରିପାରି ନାହାନ୍ତି । ଏଣେ ସତ ଲେଖିଲେ ଅସଭ୍ୟ ତଳେ ଯିବୁ, ମିଛ କଥାତ କଲମରୁ ବାହାରିବ ନାହିଁ । ଉପାୟ କ'ଣ ? କାଳିଦାସେ ରଘୁବଂଶ ଲେଖିଲାବେଳେ କଲମ ଅଚଳ ହେବାରୁ କହିବସିଲେ ---- ''ଅଥବା କୃତବାଗ୍ଦ୍ବାରେ ବଂଶେଽସ୍ମିନ୍ ପୂର୍ବସୁରିଭିଃ

ମଣୌ ବଜ୍ରସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବସ୍ତି ମେ ଗତିଃ । ''

ଏବେ ତ ବାଟ ଦିଶିଗଲା, ନିଜେ କାଳିଦାସ ଚମ୍ପାରୂପ -ବର୍ଣ୍ଣନାର ନମୁନା ରଖିଯାଇଅଛନ୍ତି । ଦାସେ ବୋଇଲେ -- ''ତନ୍ବୀ ଶ୍ୟାମା ଶିଖିରିଦଶନା ପକବବିମ୍ବାଧରୋଷ୍ଠୀ । ''

ଅସ୍ୟାଥଃ --ତନୁ ବୋଲାନ୍ତେ ଶରୀର, ଚମ୍ପାର ତନୁ ଥିବାର ସେ ତନ୍ବୀ । ଶ୍ୟାମ ବୋଲନ୍ତେ କାଳିଆ ନୁହେଁ, ଗୋରା ନୁହେଁ, ଶ୍ୟାମଳ ବର୍ଣ୍ଣ । ଚମ୍ପା ଶ୍ୟାମଳ ବର୍ଣ୍ଣ । ଶିଖରିଦଶନା-- ଶିଖରୀ ବୋଲନ୍ତେ ପାହାଡ, ଦର୍ଶନ ବୋଲନ୍ତେ ଦାନ୍ତ ; ଚମ୍ପାର ଛାମୁଦାନ୍ତ ଦୁଇଗୋଟି: ବାହାଡା ହୋଇ ଗୋଟିକ ଉପରେ ଗୋଟିଏ ଚଢିଯାଇ ପର୍ବତଶୃଙ୍ଗପରି ଟେକି ରହୁଥିବାରୁ ସେ ଶିଖରିଦଶନା । ଆଉ ପକ୍ବବିମ୍ବାଧରୋଷ୍ଠୀ -- ପକ୍ବ ବୋଲନ୍ତି ପାଚିଲା,

ବିମ୍ବ ବୋଲନ୍ତେ କୁଆମଇତା , ଅଧରଓଷ୍ଠ ବୋଲନ୍ତେ ତଳଉପର ଓଠ ଅର୍ଥାତ୍ ପାନବୋଳରେ ଚମ୍ପାର ଦୁଇ ଓଠ ଲାଲ ହୋଇଯିବାରୁ ସେ ପକ୍ବବିମ୍ବାଧରୋଷ୍ଠୀ ଇତ୍ୟାଦି । ପୁଣି ଦାସେ '' ମଧ୍ୟେ କ୍ଷାମା --- ସ୍ତୋକନମ୍ରା ---''ପ୍ରଭୃତି ଢେର କଥା କହିଅଛନ୍ତି , ମାତ୍ର ଚମ୍ପାର ଯେ ସବୁ ଅଙ୍ଗ ବସ୍ତ୍ରାବୃତ ଅର୍ଥାତ ଆମ୍ଭେ ମାନେ ଯେ ସବୁ ଅଙ୍ଗ ଦେଖି ନାହୁଁ, ସେ ସମସ୍ତ ଅଙ୍ଗ ବର୍ଣ୍ଣନା କରିବାକୁ ନିତାନ୍ତ ନାରାଜ । ଦାସେ ତ ଦେସେ ' ଯାହା ନ ଦେଖଛୁ ଦୁଇ ନୟନେ, ତାହା ନ ଲେଖିବୁ ଗୁରୁବଚନ ' ତେବେ ଦେଖା ସ୍ଥାନଗୁଡିକୁ ବର୍ଣ୍ଣନା କରିବାକୁ ଛାଡିବା ପାତ୍ର ଆମ୍ଭେମାନେ ନୋହୁଁ; ଯଥା----

''କଜ୍ଜଳପୂରିତ ଲୋଚନ ଭାଲେ,
ଗୁଣ୍ଡିମିଶା ଖିଲୀ ଗୁଞ୍ଜିତ ଗାଲେ । ୧ ।
ତୈଳ-ହରିଦ୍ରାବୋଳିତ ଦେହେ,
କୁକ୍କୁରୀବ ଶୀଘ୍ରଂ ଧାବତି ଗେହେ । ୨ ।
ଷୋଳହାତୀ ଶାଢୀ ବିସ୍ତୃତ କଚ୍ଛେ ,
ଥୋପଭିଡା ଜୁଡା ଶୋଭିତ ଉଚ୍ଚେ । ୩ ।
ଧୁମୁ ଧୁମୁ ଗୁମୁ ଗୁମୁ ଚଳନ ତସ୍ୟା ,
ଚଳତି ବା ଧାବତି ବିଷମ ସମସ୍ୟା । ୪ ।
କଙ୍କଣ ଚୁଡି ହସ୍ତେ ବିରାଜେ,
ଝମ ଝମ ଝମ ଝୁଣ୍ଟିଆ ବାଜେ । ୫ ।
ସା ଯଦା ଗଚ୍ଛତି ଗୋହିରୀଦାଣ୍ଡେ ,
ହସ୍ତ ହଲାଇ ଚାଣ୍ଡେ ଚାଣ୍ଡେ । ୬ ।
ଦେଖି ଶଙ୍କି ଯାନ୍ତି ଗ୍ରାମ୍ୟ ଲୋକେ,
ଡରି ମରି ପଳାଇଯାନ୍ତି ଥୋକେ । ୭ ।
ଇତି ରୂପବର୍ଣ୍ଣନଂ ପଜ୍ଝଟୀ ଛନ୍ଦେ ,
ଅତଃ ଗୁଣ ବର୍ଣ୍ଣତେ ବିବିଧପ୍ରବନ୍ଧେ । ୮ ।

--o--